सत्यमेव जयते

ଓଡିଶା ସରକାର

## ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ
## ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

# ପ୍ରାକ୍ ମାଟ୍ରିକ ଓ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ଆବେଦନ

ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀ ମାନଙ୍କ ପାଇଁ ୨୦୨୬-୨୭ ବର୍ଷ ନୂତନ ପାଠ୍ୟକ୍ରମ ନିମନ୍ତେ ପଞ୍ଜୀକରଣ ଏବଂ ନବୀକରଣ ଓଡିଶା ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲରେ (ODISHA STATE SCHOLARSHIP PORTAL) ଆହ୍ବାନ କରାଯାଉଛି । ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଅନୁରୋଧ ଯେ ସେମାନେ ନିମ୍ନ URL କୁ ଯାଇ ପ୍ରାକ୍ ମାଟ୍ରିକ ଓ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ଆବେଦନ/ନବୀକରଣ କରିବେ ।

**http://www.scholarship.odisha.gov.in**

## ପ୍ରାକ୍ ମାଟ୍ରିକ ଓ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇବା ପାଇଁ ଯୋଗ୍ୟତା

- ଆବେଦନକାରୀ ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀ ହୋଇଥିବା ସହ ପରିବାରର ସମସ୍ତ ଉତ୍ସରୁ ବାର୍ଷିକ ଆୟ ଟ. ୨,୫୦,୦୦୦ /- (ଦୁଇ ଲକ୍ଷ ପଚାଶ ହଜାର ) ରୁ ଅଧିକ ହୋଇନଥିବ ।
- ଆବେଦନକାରୀଙ୍କ ଜାତି ପ୍ରମାଣପତ୍ର ଓଡ଼ିଶାର ରାଜସ୍ୱ ବିଭାଗର ତହସିଲଦାର /ଅତିରିକ୍ତ ତହସିଲଦାର କିମ୍ବା ତାହାଠାରୁ ଉଚ୍ଚ ପାହ୍ୟାର ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ଜାରି କରାଯାଇଥିବା ଆବଶ୍ୟକ।
- ଆର୍ଥିକ କ୍ଷେତ୍ରରେ ଅନଗ୍ରସର ଆବେଦନକାରୀଙ୍କ କ୍ଷେତ୍ରରେ, ଜାତି ସମ୍ବନ୍ଧୀୟ ସ୍ୱଘୋଷଣାପତ୍ର (Self-Declaration) ଓଡ଼ିଶା ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲରେ ଅପଲୋଡ୍ କରିବା ଆବଶ୍ୟକ।
- ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ଆବେଦନ କରୁଥିବା ଅନ୍ୟାନ୍ୟ ପଛୁଆ ବର୍ଗ /ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନେ ଯୋଗ୍ୟତାମୂଳକ ଏବଂ ପରବର୍ତ୍ତୀ ବର୍ଷର ପରୀକ୍ଷା ମାନଙ୍କରେ ଅତି କମରେ ୫୦% ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ।

## ଅନ୍-ଲାଇନ୍ ଆବେଦନ ପାଇଁ ନିର୍ଦ୍ଧାରିତ ସମୟସାରଣୀ

| | |
|---|---|
| ଦରଖାସ୍ତ ଆବେଦନ ନିମନ୍ତେ ପୋର୍ଟାଲର ଖୋଲିବା ତାରିଖ | ୨୯ .୦୭.୨୦୨୬ |
| ଅନଲାଇନ୍ ଆବେଦନ କରିବା ନିମନ୍ତେ ଶେଷ ତାରିଖ | ୨୯.୦୯.୨୦୨୬ |
| ଅନୁଷ୍ଠାନ ଦ୍ୱାରା ଆବେଦନ ଯାଞ୍ଚର ଶେଷ ତାରିଖ | ୦୯ .୧୦.୨୦୨୬ |
| ଜିଲ୍ଲା ଏବଂ ବ୍ଲକ/ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦନର ଶେଷ ତାରିଖ | ୦୯ .୧୧.୨୦୨୬ |

ଉପରୋକ୍ତ ବର୍ଗର ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଛାତ୍ରବୃତ୍ତି ଆବେଦନଗୁଡ଼ିକର ଠିକ୍ ସମୟରେ ପ୍ରକ୍ରିୟାକରଣ ଏବଂ ଯୋଗ୍ୟ ହିତାଧିକାରୀମାନଙ୍କୁ ଛାତ୍ରବୃତ୍ତି ସୁବିଧାର ସମୟୋପଯୋଗୀ ବିତରଣ ସୁନିଶ୍ଚିତ କରିବା ପାଇଁ ଉପରୋକ୍ତ ସମୟସୂଚୀକୁ କଡ଼ାକଡ଼ି ଭାବରେ ପାଳନ କରିବେ । ନିର୍ଦ୍ଧାରିତ ସମୟସୂଚୀ ବୃଦ୍ଧି ପାଇଁ ଅନୁରୋଧ ସାଧାରଣତଃ ଗ୍ରହଣ କରାଯିବ ନାହିଁ ।